# COLLECTORATE, ANGUL || ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ

## DISTRICT NIZARAT SECTION, ANGUL

## ଜିଲ୍ଲା ନିଜାରତ ଉପବିଭାଗ, ଅନୁଗୋଳ

Telephone : 06764-230567(O)/ 230234(R)/230685(F) || Website: www.angul.nic.in E-mail

ନୋଟିସ ସଂଖ୍ୟା 1141 / ନଥିସଂଖ୍ୟା XXVII-୧/୨୩ ତା: 29-11-2023

ଏତଦ୍ୱାରା ଅନୁଗୋଳ ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ସଭାଗୃହ ସଲଗ୍ନ ୧୮ ଗୋଟି ଦୋକାନ ଗୃହ ଭଡାସୂତ୍ରରେ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଅଛି । ଏଥି ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ ଆବେଦନ କରିପାରିବେ ।

୧) ଦୋକାନ ଘରଗୁଡିକ କେବଳ ବିନଷ୍ଟ ହେଉନଥିବା ଦ୍ରବ୍ୟ ଗୁଡିକ ପାଇଁ ଗୋଦାମ ଗୃହ ଭାବେରେ ବ୍ୟବହୃତ କରିବା ପାଇଁ ଆବଣ୍ଟନ କରାଯିବ ।

୨) ଇଚ୍ଛୁକ ଆବେଦନକାରୀ ଜିଲ୍ଲା କାର୍ଯ୍ୟାଳୟ ର ନିଜାରତ ଉପବିଭାଗରେ ଟ.୧୦୦୦.୦୦ଙ୍କା ଦାଖଲକରି
ତା ୩୦.୧୧.୨୦୨୩ ରିଖରୁ ତା ୧୪.୧୨.୨୦୨୩ ରିଖ ପର୍ଯ୍ୟନ୍ତ ପ୍ରତି କାର୍ଯ୍ୟ ଦିବସରେ ପୂର୍ବହ୍ନ ଘ୮.00
ରୁ ଅପରାହ୍ନ୧.୦୦ ଘଟିକା ମଧ୍ୟରେ ଅବେଦନ ପତ୍ର ନେଇପାରିବେ । ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀ ଆବେଦନପତ୍ର କୁ ସଠିକ ଭାବରେ ପୂରଣସହ ଅବଶ୍ୟକ କାଗଜ ସଲଗ୍ନ କରି ଲଉ ମୁଦ
ଲଫାପାରେ ନିଜାରତ ଉପବିଭାଗରେ ରଖା ଯାଇଥିବା ଟେଣ୍ଡର ବାକ୍ସରେ ତା ୩୦.୧୧.୨୦୨୩ ରିଖରୁ
ତା ୧୪.୧୨.୨୦୨୩ ପ୍ରତି କାର୍ଯ୍ୟ ଦିବସର ପୂର୍ବହ୍ନ୮.00 ଘଟିକା ରୁ ଅପରାହ୍ନ୧.୦୦ ଘଟିକା ମଧ୍ୟରେ
ପକାଇବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନ ପତ୍ର କୁ ବିଚାରକୁ ନିଆଯିବ ନାହିଁ ।

୪) ଆବେଦନ ପାଇଁ ଆବେଦନକାରୀ ଅନୁଗୋଳ ଜିଲ୍ଲା ଅଧିବାସୀ ହୋଇଥିବା ଆବଶ୍ୟକ।

୫) ଆବେଦନ ପତ୍ର ସହ ଭୋଟର ପରିଚୟ ପତ୍ର/ଆଧାରକାର୍ଡ ଗୋଟିଏ ପାସପୋର୍ଟ ସାଇଜ ଫୋଟୋ
ଆବେଦନ ପତ୍ରର କ୍ରୟ ରସିଦ ଏବଂ ଜିଲ୍ଲାପାଳ, ଅନୁଗୋଳଙ୍କ ନାମରେ ଟ୧0,000/-ଦଶ ହଜାର ଟଙ୍କା ର
ଏକ ବ୍ୟାଙ୍କ ଡ୍ରାଫ୍ଟ ଅମାନତ ରାଶି ଆକାରରେ ଆବେଦନ ପତ୍ର ସହ ସଲଗ୍ନ କରିବା ଆବଶ୍ୟକ ନଚେତ
ଆବେଦନ ପତ୍ର ରଦ୍ଦ କରାଯିବ ।

୬) ପ୍ରତି ଦୋକାନ ଗୃହ ପାଇଁ ଅମାନତ ରାଶି ଭାବରେ ଟ.୧,୦୦,୦୦୦ ଙ୍କା ସ୍ଥିର କରାଯାଇଅଛି ।

୭) ଏକଗୋଟି ଦୋକାନଘର ର ଭଡା ନିମନ୍ତେ ନିଲାମ ପାଇଁ ସର୍ବନିମ୍ନ ମୂଲ୍ୟ ମାସିକ ଟ.୫୦୦୦ଙ୍କା ମାତ୍ର ଧାର୍ଯ୍ୟ କରାଯାଇଅଛି । କିନ୍ତୁ ନିଲାମ ପାଇଁ ଡକାଯାଇଥିବା ସର୍ବାଧିକ ମୂଲ୍ୟ କୁ ମାସିକ ଦେୟ ଭାବରେ ସ୍ଥିର କରାଯିବ ।

୮) ପ୍ରତି ୫ ବର୍ଷରେ ଦୋକାନଘର ଗୁଡିକର ଭଡା ଦେୟ ସମ୍ବନ୍ଧରେ ପୁନରୀକ୍ଷଣ(Revision )କରାଯିବ।

୯) ଟେଣ୍ଡର ବାକ୍ସଟି ତା ୧୪.୧୨.୨୦୨୩ ଅପରାହ୍ନ ୪.୦୦ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

୧୦) ଯେଉଁ ଆବେଦନକାରୀ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ ସେମାନଙ୍କୁ ଆବେଦନ ପତ୍ର ସହ ସଲଗ୍ନ ଅମାନତ ରାଶୀ କୁ( ଟ.୧,୦୦୦୦ ଙ୍କା) ତୁରନ୍ତ ଫେରସ୍ତ ଦିଆଯିବ । ଯୋଗ୍ୟବିବେଚିତ ଆବେଦନକାରୀଙ୍କର ଉପରୋକ୍ତ ରାଶୀ ସ୍ଥିରୀକୃତ ଅମାନତ ରାଶୀରେ ଟ.୧,୦୦,୦୦୦ ଙ୍କା ଆଡଜଷ୍ଟ କରାଯିବ ,ଅର୍ଥାତ ତାଙ୍କୁ ଟ.୯୦୦୦୦ଙ୍କା ର ବ୍ୟାଙ୍କ ଡ୍ରାଫ୍ଟ ଜିଲ୍ଲାପାଳ, ଅନୁଗୋଳଙ୍କ ନାମରେ ୨ଦିନ ମଧ୍ୟରେ ଅତ୍ର କାର୍ଯ୍ୟାଳୟରେ ଦାଖଲକରିବାକୁ ହେବ ଏଥିରେ ବ୍ୟତିକ୍ରମ କଲେ ଆବେଦନକାରୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବ ଏବଂ ପରବର୍ତ୍ତୀ ଆବେଦନକାରୀଙ୍କୁସୁଯୋଗ ଦିଆଯିବ ।

୧୧ ) ଦୋକାନ ଘରର ବିଦ୍ୟୁତ ଦେୟ ଦୋକାନ ପାଇଥିବା ହିତାଧିକାରୀ ବହନ କରିବେ ।

୧୨) ଦୋକାନଘରର ବଣ୍ଟନ ପ୍ରଥମ ମାସରୁ ନିର୍ଦ୍ଧାରିତ ଭଡା ଲାଗୁ ହେବ ।

୧୩) ଜଣେ ବ୍ୟକ୍ତି ସର୍ବାଧିକ ଚାରିଗୋଟି ଦୋକାନ ଘର ପାଇଁ ଆବେଦନ କରିପାରିବେ ଓ ଏଥି ପାଇଁ ପ୍ରତି ଘର ପିଛା ଏକ ଆବେଦନ ପତ୍ର ଦେବାକୁ ପଡିବ. ।

୧୪) ଆବେଦନକାରୀ ଜିଲ୍ଲା କାର୍ଯ୍ୟାଳୟର କର୍ତ୍ତୃପକ୍ଷଙ୍କୁ କୌଣସି କୌର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ।

୧୫) ଏହି ଦୋକାନ ଗୃହକୁ ପାଇଥିବା ଆବେଦନକାରୀ ଅନ୍ୟ କୋଣସି ବ୍ୟକ୍ତିଙ୍କୁ ଭଡା ସୂତ୍ରରେ ଲଗାଇପାଇବେ ନାହିଁ।

୧୬) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକ ରଦ୍ଦ କରିବା ସଙ୍ଗେ ସଙ୍ଗେ ଉକ୍ତ ନୋଟିସ କୁ ଖାରଜ କରିବାର ସମସ୍ତ ଅଧିକାର ଜିଲ୍ଲା କାର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ.

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ

ପରିପତ୍ରସଂଖ୍ୟା 1142 ତା 29.11.2023

ଏହାର ଏକାକିତା ନକଲ ଜିଲ୍ଲା କାର୍ଯ୍ୟାଳୟ ଅନୁଗୋଳ/ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ପରିଷଦ ଅନୁଗୋଳ/ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କ କାର୍ଯ୍ୟାଳୟ /ଡାମଡା କାର୍ଯ୍ୟାଳୟ ଅନୁଗୋଳଙ୍କ ନୋଟିସ ବୋର୍ଡରେ ବହୁଳ ପ୍ରସାର ପାଇଁ ଅନୁରୋଧ କରାଗଲା । ,

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ